# NATIONAL NEWS BULLETIN (ODIA)
## 31 March - 2025
## Evening Bulletin : 7.15 P.M.

**********************************

## ମୁଖ୍ୟ ସମ୍ବାଦ

- ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରଙ୍କ ଢାଞ୍ଚାଗତ ପରିବର୍ତ୍ତନ ଯୋଗୁଁ ପ୍ରାଥମିକ ସ୍ତରରୁ ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ଉଲ୍ଲେଖନୀୟ ଉନ୍ନତି ଦେଖାଦେଇଛି, କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଲାଗି ଆସନ୍ତାକାଲିଠାରୁ ଲାଗୁ ହେଉଛି ଏକୀକୃତ ପେନ୍‌ସନ୍ ଯୋଜନା ।
- ସମଗ୍ର ଦେଶରେ ଆଜି ପାଳିତ ହେଉଛି ଇଦ୍-ଉଲ୍-ଫିତର୍ ପର୍ବ ।
- ଶକ୍ତିଶାଳୀ ଭୂକମ୍ପ ପରେ ମିୟାଁମାର୍‌ରେ ଆଜିଠାରୁ ୭ ଦିନ ଲାଗି ଘୋଷଣା ହେଲା ଜାତୀୟ ଶୋକ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଉ କିଛି ସମୟ ପରେ ମୁମ୍ବାଇ ଇଣ୍ଡିଆନ୍ସ ଭେଟିବ କୋଲ୍‌କାତା ନାଇଟ୍‌ରାଇଡର୍ସଙ୍କୁ ।

# ଅମିତ ଶାହା

ଦେଶରେ ସ୍ୱାସ୍ଥ୍ୟ କ୍ଷେତ୍ରର ସର୍ବାଙ୍ଗୀନ ବିକାଶ ତଥା ଦେଶବାସୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ନରେନ୍ଦ୍ର ମୋଦୀଙ୍କ ସରକାର ଗତ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସ୍ୱାସ୍ଥ୍ୟ କ୍ଷେତ୍ରରେ ଢାଞ୍ଚାଗତ ପରିବର୍ତ୍ତନ କରିଛନ୍ତି । ସରକାରଙ୍କ ଏଭଳି ସଂସ୍କାରମୂଳକ ପଦକ୍ଷେପ ଯୋଗୁଁ ସ୍ୱାସ୍ଥ୍ୟ କ୍ଷେତ୍ରର ପ୍ରାଥମିକ ସ୍ତରରୁ ସର୍ବୋଚ୍ଚସ୍ତର ପର୍ଯ୍ୟନ୍ତ ଉଲ୍ଲେଖନୀୟ ଉନ୍ନତି ଦେଖାଦେଇଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି ।

ଆଜି ହରିଆଣାର ହିସାର ସ୍ଥିତ ମହାରାଜା ଅଗ୍ରସେନ ମେଡିକାଲ୍ କଲେଜ୍ ପରିସରରେ ମହାରାଜାଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ଅବସରରେ ସମବେତ ଜନତାଙ୍କୁ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀ ଶାହା କହିଛନ୍ତି, ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର କେନ୍ଦ୍ରରେ କ୍ଷମତାସୀନ ହେବା ସମୟରେ ଦେଶରେ ମାତ୍ର ୭ଟି ଅଖିଳ ଭାରତୀୟ ଭେଷଜ ବିଜ୍ଞାନ ପ୍ରତିଷ୍ଠାନ ବା ଏମସ୍ ସ୍ଥାପନ କରାଯାଇଥିଲା । ସେଥିମଧ୍ୟରୁ ୬ଟି ଅଟଳବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଅମଳରେ ସ୍ଥାପିତ ହୋଇଥିଲା । ମାତ୍ର ଗତ ୧ ଦଶନ୍ଧି ମଧ୍ୟରେ ଦେଶରେ ମୋଟ୍ ୨୩ଟି ଏମସ୍ ପ୍ରତିଷ୍ଠା କରାଯାଇପାରିଛି । ସେହିଭଳି ବର୍ତ୍ତମାନର ସରକାର ଦେଶରେ ମେଡିକାଲ୍ କଲେଜ୍‌ର ସଂଖ୍ୟା ୩୮୭ରୁ ୭୬୬କୁ ବୃଦ୍ଧି କରିଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି । ଏଥିସହିତ ଦେଶରେ ଏମ୍‌ବିବିଏସ୍ ପାଠ୍ୟକ୍ରମ ଲାଗି ଆସନ

ସଂଖ୍ୟା ମଧ୍ୟ ୫୧ ହଜାରରୁ ୧ ଲକ୍ଷ ୧୫ ହଜାରକୁ ବୃଦ୍ଧି କରାଯାଇଛି । ଆଗାମୀ ୫ ବର୍ଷ ମଧ୍ୟରେ ଅତିରିକ୍ତ ୮୫ ହଜାର ଏମ୍‌ବିବିଏସ୍ ସିଟ୍ ବୃଦ୍ଧି କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ।

## V/O- SHAH-MEDICAL-INFRASTRUCTURE

ଏହି ଅବସରରେ ଶ୍ରୀ ଶାହା ଏନ୍.ଡି.ଏ. ସରକାରଙ୍କ ଦ୍ୱାରା ଦେଶର ବିକାଶ ଲାଗି ବିଭିନ୍ନ କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ ଗୁଡ଼ିକ ଉପରେ ଆଲୋକପାତ କରିଛନ୍ତି । ସେ କହିଛନ୍ତି, ମୋଦୀ ସରକାରଙ୍କ କାର୍ଯ୍ୟକାଳ ସମୟରେ ୨୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ଅତିକ୍ରମ କରିପାରିଛନ୍ତି । ସେହିଭଳି ଗରିବ ଲୋକଙ୍କ ଲାଗି ୪ କୋଟିରୁ ଊର୍ଦ୍ଧ୍ୱ ବାସଗୃହ ନିର୍ମାଣ କରାଯାଇଥିବା ବେଳେ ପ୍ରାୟ ୨୦ କୋଟି ଲୋକଙ୍କ ଲାଗି ଆଶ୍ରୟ ବ୍ୟବସ୍ଥା କରାଯାଇଛି । ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଅଧୀନରେ ୮୧ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ କେନ୍ଦ୍ର ସରକାର ମାଗଣାରେ ଖାଦ୍ୟଶସ୍ୟ ବଣ୍ଟନ କରିଛନ୍ତି । ଏତଦ୍‌ବ୍ୟତୀତ ସ୍ୱଚ୍ଛ ଭାରତ ମିଶନ୍ ଅଧୀନରେ ପ୍ରତ୍ୟେକ ବାସଗୃହ ଲାଗି ସରକାର ଶୌଚାଳୟର ବ୍ୟବସ୍ଥା କରିଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ।

## V/O- AMIT-SHAH--HISSAR-VISIT

ଏହି ଅବସରରେ ଶ୍ରୀ ଶାହା ଆଜି ମହାରାଜା ଅଗ୍ରସେନ ମେଡିକାଲ୍ ପରିସରରେ ନବନିର୍ମିତ ଆଇ.ସି.ୟୁ.ର ଉଦ୍‌ଘାଟନ କରିବା ସହ ପି.ଜି. ଛାତ୍ରାବାସ ପାଇଁ ମଧ୍ୟ ଶିଳାନ୍ୟାସ କରିଛନ୍ତି ।

# ପେନ୍‌ସନ୍ ଯୋଜନା

କେନ୍ଦ୍ର ସରକାରୀ କର୍ମଚାରୀଙ୍କପାଇଁ ଏକୀକୃତ ପେନ୍‌ସନ ଯୋଜନା ଆସନ୍ତାକାଲିଠାରୁ ଲାଗୁ ହେଉଛି । ଜାତୀୟ ପେନ୍‌ସନ୍ ବ୍ୟବସ୍ଥା ଅଧୀନରେ ଏହି ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି । ଏହି ଯୋଜନାରେ ସାମିଲ୍ ହେବାପାଇଁ କେନ୍ଦ୍ର ସରକାରୀ କର୍ମଚାରୀଙ୍କର ଇଚ୍ଛାଧୀନ କ୍ଷମତା ରହିଛି । ଏହି ଯୋଜନାର କାର୍ଯ୍ୟକାରିତା ନେଇ ପେନ୍‌ସନ୍ ପାଣ୍ଠି ନିୟାମକ ଏବଂ ବିକାଶ ପ୍ରାଧିକରଣଙ୍କ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଛି । ଏଥିରେ କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ୩ଟି ବର୍ଗରେ ବିଭକ୍ତ କରାଯାଇଛି । ଚଳିତ ବର୍ଷ ଏପ୍ରିଲ୍ ପହିଲା ମଧ୍ୟରେ କେନ୍ଦ୍ର ସରକାରଙ୍କ ଅଧୀନରେ ଯୋଗ ଦେଇଥିବା କର୍ମଚାରୀଙ୍କୁ ପ୍ରଥମ ବର୍ଗରେ ସ୍ଥାନିତ କରାଯାଇଛି । ସେମାନେ ଜାତୀୟ ପେନ୍‌ସନ ବ୍ୟବସ୍ଥା - ଏନ୍.ପି.ଏସ୍. ଅଧୀନରେ ସାମିଲ୍ ହୋଇପାରିବେ । ସେହିଭଳି ଏପ୍ରିଲ୍ ପହିଲା ଏବଂ ଏହାପରେ ଯୋଗ ଦେଇଥିବା ନୂତନ କର୍ମଚାରୀଙ୍କୁ ଦ୍ୱିତୀୟ ବର୍ଗରେ ସ୍ଥାନିତ କରାଯାଇଥିବାବେଳେ ତୃତୀୟ ବର୍ଗରେ ଏନ୍.ପି.ଏସ୍. ଯୋଜନାରେ ସାମିଲ୍ ରହିଥିବା କର୍ମଚାରୀ ଏବଂ ଆଜି ସୁଦ୍ଧା ଅବସରପ୍ରାପ୍ତ କର୍ମଚାରୀ ରହିଛନ୍ତି । ଏହି ନୂତନ ଯୋଜନା ଅଧୀନରେ ସର୍ବନିମ୍ନ ୨୫ ବର୍ଷ କାର୍ଯ୍ୟ କରିଥିବା କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଶେଷ ୧୨ ମାସ ଦରମାର ହାରାହାରି ମୂଳ ଦରମାର ୫୦ ପ୍ରତିଶତ ପେନ୍‌ସନ୍ ଆକାରରେ ପ୍ରଦାନ କରାଯିବ । ଚାକିରି କାଳ ମଧ୍ୟରେ ମୃତ୍ୟୁ ଘଟିଥିବା କର୍ମଚାରୀଙ୍କ

ପରିବାରବର୍ଗଙ୍କୁ ୬୦ ପ୍ରତିଶତ ପେନ୍‌ସନ୍ ଆକାରରେ ମିଳିବ । ଏପରିକି ଏହି ଯୋଜନା ଅଧୀନରେ ସର୍ବନିମ୍ନ ୧୦ ବର୍ଷ ଚାକିରି କରିଥିବା କର୍ମଚାରୀଙ୍କପାଇଁ ଅତିକମ୍‌ରେ ୧୦ ହଜାର ଟଙ୍କା ପେନ୍‌ସନ୍ ଆକାରରେ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି ।

## ଇଦ୍-ପ୍ରେଜ୍-ଭିପି

ସମଗ୍ର ଦେଶରେ ମୁସଲମାନ ସଂପ୍ରଦାୟ ପକ୍ଷରୁ ଆଜି ଇଦ୍-ଉଲ୍-ଫିତର ପର୍ବ ପାଳନ କରାଯାଉଛି । ପବିତ୍ର ରମଜାନ ମାସର ସମାପନ ଅବସରରେ ଏହି ପର୍ବ ପାଳନ କରାଯାଇଥାଏ । ଏହି ଅବସରରେ ଦେଶର ବିଭିନ୍ନ ଇଦ୍‌ଗାହ ଏବଂ ମସ୍‌ଜିଦରେ ନମାଜ ପାଠ କରାଯାଉଛି । ଦିଲ୍ଲୀର ଜାମା ମସ୍‌ଜିଦ୍, ଫତେପୁର ମସ୍‌ଜିଦ୍, ସାହି ଇଦ୍‌ଗାହ ଆଦିରେ ଏଥିପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଛି ।

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଶୁଭେଚ୍ଛା ଜଣାଇ ତାଙ୍କ ବାର୍ତ୍ତାରେ, ଏହି ପର୍ବ ଭାଇଚାରା, ସହଯୋଗ ଏବଂ କରୁଣାର ଭାବନାକୁ ସୁଦୃଢ଼ କରିଥାଏ ବୋଲି କହିଛନ୍ତି ।

ଉପରାଷ୍ଟ୍ରପତି  ଜଗଦୀପ ଧନଖଡ଼ ଶୁଭେଚ୍ଛା ଜଣାଇ ସାଂସ୍କୃତିକ ବିବିଧତା ମଧ୍ୟରେ ମିଳିତ ଭାବେ ଆନ୍ତରିକ ବନ୍ଧନର ସହ ବସବାସ କରିବା ଲାଗି ଏହି ପର୍ବ ପ୍ରେରଣା ଯୋଗାଇଥାଏ ବୋଲି କହିଛନ୍ତି  ।

ଅନ୍ୟ ପକ୍ଷରେ ସମାଜରେ ଏହି ପର୍ବ ଆସ୍ଥା, ସଂହତି ଏବଂ ଦୟା ମନୋଭାବ ବୃଦ୍ଧି କରିବାରେ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଶା ପ୍ରକାଶ କରିଛନ୍ତି ।

ଜାମ୍ମୁ କାଶ୍ମୀରରେ ଆଜି ଉତ୍ସାହ ଓ ଉଦ୍ଦିପନା ମଧ୍ୟରେ ଇଦ୍-ଉଲ୍-ଫିତର୍ ପାଳନ କରାଯାଉଛି । ଆମ ସମ୍ବାଦଦାତା ଜଣାଇଛନ୍ତି, ମୁଖ୍ୟମନ୍ତ୍ରୀ ଓମାର୍ ଅବଦୁଲ୍ଲା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରକ୍ ଅବଦୁଲ୍ଲାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରୀନଗରସ୍ଥିତ ହଜରତ୍‌ବାଲ୍ ମସ୍‌ଜିଦ୍‌ରେ ଏକତ୍ରିତ ହୋଇ ପ୍ରାର୍ଥନା କରିଛନ୍ତି । ସେହିଭଳି ଜାମ୍ମୁର ଇଦ୍‌ଗା ପଡ଼ିଆରେ ଶହ ଶହ ମୁସଲମାନ ସମ୍ପ୍ରଦାୟ ବ୍ୟକ୍ତି ମଧ୍ୟ ପ୍ରାର୍ଥନା କରିଛନ୍ତି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଳୁମାନେ ଯେଭଳି ସୁରୁଖୁରୁରେ ସମବେତ ପ୍ରାର୍ଥନା କରିପାରିବେ ସେଥିଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଶାହା-ଡ୍ରଗସ୍

ଦିଲ୍ଲୀ-ଜାତୀୟ ରାଜଧାନୀ ଅଞ୍ଚଳରେ ଏକ ପ୍ରମୁଖ ନିଶା ଦ୍ରବ୍ୟ କାରବାର ନେଟ୍‌ୱାର୍କ ଧରାପଡ଼ିଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି, ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋ – ଏନ୍.ସି.ବି. ଏବଂ ଦିଲ୍ଲୀ ପୁଲିସ୍ ମିଳିତ

ଭାବେ ଚଢ଼ଉ କରି ଏଥିରେ ସମ୍ପୃକ୍ତ ୫ ଜଣଙ୍କୁ ଗିରଫ୍ କରିଛନ୍ତି । ସେମାନଙ୍କ ନିକଟରୁ ୨୭ କୋଟି ଟଙ୍କା ମୂଲ୍ୟର କୋକେନ, ଏମ୍.ଡି.ଏମ୍.ଏ. ଏବଂ ମେଥାମ୍-ଫେଟାମାଇନ୍ ଆଦି ଜବତ କରାଯାଇଛି । ଏଥିଲାଗି ସ୍ୱରାଷ୍ଟ୍ର ମନ୍ତ୍ରୀ ଦିଲ୍ଲୀ ପୁଲିସ୍ ଓ ଏନ୍.ସି.ବି.ର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି । ନିଶାଦ୍ରବ୍ୟ କାରବାର ବିରୋଧରେ ନରେନ୍ଦ୍ର ମୋଦୀଙ୍କ ସରକାର ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରୁଥିବା ଦୃଷ୍ଟିରୁ ଏହାକୁ ପ୍ରୋତ୍ସାହନ ଦେଉଥିବା ସମସ୍ତ କାର୍ଯ୍ୟକଳାପକୁ ଦୃଢ଼ହସ୍ତରେ ଦମନ କରାଯିବ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ସାଢ଼େ ୯ଟାରେ ପ୍ରଚାର କରାଯିବ । ଆଜିର ବିଷୟବସ୍ତୁ ରହିଛି – **ପୋଷଣ ଅଭିଯାନ ଜରିଆରେ ପୁଷ୍ଟିହୀନତାର ମୁକାବିଲା** । ଏମ୍ସ୍ ନୂଆଦିଲ୍ଲୀର ଶିଶୁ ଅସ୍ତ୍ରୋପଚାର ବିଭାଗର ସହଯୋଗୀ ପ୍ରଫେସର ଡାକ୍ତର ଅଜୟ ବର୍ମା ଏବଂ ଖାଦ୍ୟ ବିଶେଷଜ୍ଞ ଡାକ୍ତର ରିଚା ଜୟଶ୍ୱାଲ ଆଲୋଚନାରେ ଅଂଶ ଗ୍ରହଣ କରିବେ । କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ

୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ । ରାତି ୯ଟା ୩୦ ମିନିଟ୍‌ରୁ ଏହି କାର୍ଯ୍ୟକ୍ରମ ଆକାଶବାଣୀ ଗୋଲ୍ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକୁଏନ୍ସ ଗୁଡ଼ିକରୁ ଶୁଣାଯାଇ ପାରିବ ।

# ମିୟାଁମାର୍

ମିୟାଁମାର୍‌ର କେନ୍ଦ୍ରୀୟ ଅଞ୍ଚଳରେ ଶକ୍ତିଶାଳୀ ଭୂକମ୍ପ ପରେ ଆଜି ସେଠାକାର ସରକାର ୭ ଦିନ ଲାଗି ଜାତୀୟ ଶୋକ ଘୋଷଣା କରିଛନ୍ତି । ସରକାରୀ ସୂତ୍ରରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଏହି ସମୟ ମଧ୍ୟରେ ମିୟାଁମାର୍‌ର ଜାତୀୟ ପତାକା ଅର୍ଦ୍ଧନମିତ ରହିବ ।

ଏଠାରେ ସୂଚନା ଦିଆଯାଇପାରେ ଗତ ଶୁକ୍ରବାର ଦିନ ମିୟାଁମାର୍‌ରେ ପ୍ରଥମେ ରିଚର୍ସ୍ ସ୍କେଲ୍‌ରେ ୭ ଦଶମିକ୍ ୭ ତୀବ୍ରତା ଥିବା ଭୂ-କମ୍ପ ଅନୁଭୂତ ହେବାର କିଛି ମିନିଟ୍ ପରେ ପୁନଶ୍ଚ ୬ ଦଶମିକ୍ ୪ ତୀବ୍ରତାର ଅନ୍ୟ ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା । ଏଥିରେ ମୃତ୍ୟୁ ସଂଖ୍ୟା ୧୭୦୦ ଅତିକ୍ରମ କରିଥିବା ବେଳେ ୩ ହଜାର ୪୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି ଏବଂ ୩୦୦ରୁ ଉର୍ଦ୍ଧ୍ୱ ନିଖୋଜ ଅଛନ୍ତି । ସେହିଭଳି ଆଜି ସକାଳ ସୁଦ୍ଧା ସେଠାରେ ୨ ଦଶମିକ୍ ୮ରୁ ୭ ଦଶମିକ୍ ୫ ତୀବ୍ରତା ମଧ୍ୟରେ ପ୍ରାୟ ୩୬ ଥର ବିଭିନ୍ନ ଧରଣର ଭୂକମ୍ପ ଅନୁଭୂତ ହୋଇଛି ବୋଲି

ସ୍ଥାନୀୟ ପାଣିପାଗ ଓ ଜଳବିଜ୍ଞାନ ବିଭାଗ ପକ୍ଷରୁ କୁହାଯାଇଛି । ତେବେ ଉଦ୍ଧାର କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଥିବା ବେଳେ ଭାରତ, ରୁଷ, ଚୀନ୍, ଥାଇଲାଣ୍ଡ, ଜାତିସଂଘ, ସଂଯୁକ୍ତ ଆରବ ଏମିରେଟସ୍ ସମେତ ବିଭିନ୍ନ ସ୍ତରରୁ ଆନ୍ତର୍ଜାତିକ ସହାୟତା ଓ ଉଦ୍ଧାରକାରୀ ଦଳ ସେଠାରେ ପହଞ୍ଚିବାରେ ଲାଗିଛନ୍ତି । ଭାରତ ଅପରେସନ୍ ବ୍ରହ୍ମ ଜରିଆରେ ଇତିମଧ୍ୟରେ ମିୟାଁମାର୍‌କୁ ଔଷଧ, ରାସନ ସାମଗ୍ରୀ, ତମ୍ବୁ ଆଦି ପଠାଇ ସାରିଛି ।

ଅନ୍ୟ ପକ୍ଷରେ ଥାଇଲାଣ୍ଡରେ ଅନୁଭୂତ ଭୂକମ୍ପ ପ୍ରଭାବରେ ରାଜଧାନୀ ବ୍ୟାଙ୍କକ୍‌ରେ ପ୍ରାୟ ୧୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୩ ଜଣ ଆହତ ହୋଇଛନ୍ତି ଏବଂ ୭୮ ନିଖୋଜ ଅଛନ୍ତି । ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପେଟଙ୍ଗ-ଟାର୍ଣ୍ଣ ଶିନାୱାତ୍ରା ଆଜି ଭୂକମ୍ପ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ତଦାରଖ କରିଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଏବଂ କୋଲ୍‌କାତା ନାଇଟ୍‌ରାଇଡର୍ସ ମଧ୍ୟରେ ମୁକାବିଲା ହେବ । ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମଠାରେ ଆଉ କିଛି ସମୟ ପରେ ଏହି ମ୍ୟାଚ୍ ଆରମ୍ଭ ହେବ । ମୁମ୍ବାଇ ଇଣ୍ଡିଆନ୍ସ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

ଗତକାଲି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍‌ସ’ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୭ ଓ୍ୱିକେଟ୍‌ରେ ପରାସ୍ତ କରିଥିବା ବେଳେ ଦ୍ୱିତୀୟ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍‌ସ ୬ ରନ୍‌ରେ ଚେନ୍ନାଇ ସୁପରକିଙ୍ଗ୍‌କୁ ପରାସ୍ତ କରି ବିଜୟୀ ହୋଇଥିଲା ।

## ବିହାର୍ ଏସିଆକପ୍

ପୁରୁଷ ହକି ହୀରୋ ଏସିଆ କପ୍-୨୦୨୫ ବିହାରରେ ଆୟୋଜନ କରାଯିବ । ଏହା ହେବ ଏସିଆ କପ୍‌ର ଦ୍ୱାଦଶ ସଂସ୍କରଣ । ଏଥିଲାଗି ଆଜି ପାଟନାରେ ହକି ଇଣ୍ଡିଆ ଏବଂ ବିହାର ରାଜ୍ୟ କ୍ରୀଡ଼ା ପ୍ରାଧିକରଣଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ପ୍ରତିଯୋଗିତା ଚଳିତ ବର୍ଷ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏଥିରେ ଭାରତ, ଦକ୍ଷିଣ କୋରିଆ ଏବଂ ପାକିସ୍ତାନ ସମେତ ଏସିଆର ୮ଟି ଦେଶ ଭାଗ ନେବେ ।